ଭାଷା ଓ ସାକ୍ଷରତା

# ଶିଶୁ ସାହିତ୍ୟକୁ ଜାଣିବା ଓ ତା'ର ବ୍ୟବହାର କରିବା

# Knowing and using children's literature





ଭାରତରେ ବିଦ୍ୟାଳୟ ଭିତ୍ତିକ
ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

http://creativecommons.org/licenses/

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆନ୍ତର୍ଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/)ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

### ଭିଡ଼ିଓ ସମ୍ବଳ ସମୂହ

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି । ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ । ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ । ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ ୧.୦ ଭାଷା ଓ ସାକ୍ଷରତା ୦୮ ଓଡ଼ିଆ ଭାଷାନ୍ତର ସହାୟତା : ଭାରତ ଜ୍ଞାନ ବିଜ୍ଞାନ ସମିତି : ଓଡିଶା
Odisha

ଏହି ସଂକଳନଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ଭାଷା ଓ ସାକ୍ଷରତା ସଂକଳନର ଏକ ଭାଗ ଅଟେ । ମୂଳ ଇଂରାଜୀ ଲେଖାକୁ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମ ଓଡ଼ିଆ ଭାଷାନ୍ତର କରିଥିବା ବେଳେ ପ୍ରଫେସର ବି.ଏନ୍. ପଣ୍ଡା ସମୀକ୍ଷା କରିଛନ୍ତି । ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସମ୍ବଳ/ଲେଖ http://creativecommons.org/licenses/by-sa/3.0/ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ ।

TESS-India is led by The Open University UK and funded by UK aid from the UK government

## ଏହି ଏକକରେ କ'ଣ ଅଛି

ଭାରତରେ ମୌଖିକ ଓ ଲିଖିତ ସାହିତ୍ୟର ଏକ ସମୃଦ୍ଧ ଐତିହ୍ୟ ରହିଛି । ପିଲାଙ୍କ ଗପ ଓ କବିତା ବିଷୟରେ ଆପଣଙ୍କର ଯଥେଷ୍ଟ ଜ୍ଞାନ ଥିଲେ ଆପଣ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିପାରିବେ ଓ ଭାରତର ଏହି ସମୃଦ୍ଧ ସାହିତ୍ୟ, ଇତିହାସ ଓ ସଂସ୍କୃତିକୁ ଉପଭୋଗ କରିପାରିବେ ଏବଂ ସମ୍ମାନ ଦେଇ ପାରିବେ ।

## ଏହି ଏକକରେ ଆପଣ

- ଶିଶୁ ସାହିତ୍ୟ ବିଷୟରେ ଥିବା ଆପଣଙ୍କର ଜ୍ଞାନକୁ ସମୀକ୍ଷା କରିପାରିବେ ଓ ଆପଣ ଯାହା ଜାଣନ୍ତି ତାହାର ସଂପ୍ରସାରଣ ପାଇଁ ପଦକ୍ଷେପ ନେବେ ।
- ଶିକ୍ଷାର୍ଥୀଙ୍କ ଗପର ବୈଶିଷ୍ଟ ଉପରେ ଧ୍ୟାନ ଦେବେ ।
- ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ସାହିତ୍ୟ ସହ ପରିଚିତ ହେବାକୁ କିଛି ସହଜ ଶ୍ରେଣୀଗୃହ କାର୍ଯ୍ୟର ପ୍ରୟୋଗ କରିପାରିବେ ।

## ଏହି ଏକକରୁ କ'ଣ ଶିଖିବା

- ସାହିତ୍ୟ ସଂପର୍କିତ ଆପଣଙ୍କ ଜ୍ଞାନକୁ କିପରି ସମୀକ୍ଷା ଓ ସଂପ୍ରସାରିତ କରିବେ ଯାହା ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ପାଇଁ ଉପଯୁକ୍ତ ।
- ଉଚ୍ଚକୋଟୀର ଶିଶୁ ସାହିତ୍ୟର ବୈଶିଷ୍ଟଗୁଡିକୁ କିପରି ଚିହ୍ନଟ କରିବେ ।
- ଶ୍ରେଣୀଗୃହରେ ଗପ ଓ କବିତା ପାଇଁ କୌଶଳଗୁଡ଼ିକୁ ବ୍ୟବହାର କରିବେ ।

## ଏହି ପନ୍ଥା କାହିଁକି ଗୁରୁତ୍ୱପୂର୍ଣ୍ଣ

ଭାଷା କ୍ଷେତ୍ରରେ ଶିକ୍ଷାର୍ଥୀମାନଙ୍କର ବୁଝିବା ଓ ପ୍ରକାଶ କରିବାର ଦକ୍ଷତା ବଢ଼ାଇବା ପାଇଁ ଗପ ଓ କବିତା ହେଉଛି ଏକ ଉପଯୁକ୍ତ ଓ ଉପଯୋଗୀ ସମ୍ବଳ । ପ୍ରଥମାବସ୍ଥାରେ ଶିକ୍ଷାର୍ଥୀମାନେ ଯଥେଷ୍ଟ ଗପ ଓ କବିତା ଶୁଣିବାର ଅନୁଭୂତି ଥିଲେ, ପରବର୍ତ୍ତୀ ସମୟରେ ଏହା ସେମାନଙ୍କୁ ଗପ ଓ କବିତା ପଢ଼ିବା ପାଇଁ ପ୍ରେରଣା ଯୋଗାଇଥାଏ । ଯାହା ସେମାନଙ୍କର ସାହିତ୍ୟ ଜ୍ଞାନ ବୃଦ୍ଧି କରିଥାଏ । ଏହି ଏକକ ଆପଣଙ୍କର ଶିକ୍ଷାର୍ଥୀମାନଙ୍କର ସାହିତ୍ୟ ଜ୍ଞାନ ବଢ଼ାଇବା ପାଇଁ ଆପଣଙ୍କ ପାଖରେ ଥିବା ସାଂସ୍କୃତିକ ଓ ଆଧୁନିକ ଗପ ଓ କବିତାକୁ ଏକ ଆନନ୍ଦମୟ ପରିବେଶ ମଧ୍ୟରେ ଉପସ୍ଥାପନ କରିବା ପାଇଁ ଉତ୍ସାହିତ କରିବ ।

## ୧ ଆପଣଙ୍କ ଶିଶୁ ସାହିତ୍ୟ-ଜ୍ଞାନକୁ ସମୀକ୍ଷା କରିବା ଓ ସଂପ୍ରସାରିତ କରିବା

ପ୍ରଥମେ ଆପଣ ନିଜର ଶିଶୁ-ସାହିତ୍ୟ ଜ୍ଞାନକୁ ସମୀକ୍ଷା କରନ୍ତୁ

### ଶିକ୍ଷଣକାର୍ଯ୍ୟ ୧ : ଆପଣଙ୍କ ଶିଶୁ ସାହିତ୍ୟ-ଜ୍ଞାନର ସମୀକ୍ଷା କରିବା

ଆପଣ ହେଉଛନ୍ତି ଆପଣଙ୍କ ଶିକ୍ଷାର୍ଥୀମାନଙ୍କର ସାହିତ୍ୟର ପ୍ରଧାନ ଉତ୍ସ । ତେଣୁ ଶିକ୍ଷାର୍ଥୀମାନଙ୍କର ବୟସ ଓ ଦକ୍ଷତା ଅନୁସାରେ ଆପଣ ବହିରୁ ବା ମନରୁ ବହୁତଗୁଡ଼ିଏ ଉପଯୁକ୍ତ ଗପ ଓ କବିତା କହିବା ଦରକାର ।

ଏହି ସମୀକ୍ଷା କରିବା ଏକ ପରୀକ୍ଷା ନୁହେଁ । ଏହାର ଉଦ୍ଦେଶ୍ୟ ହେଉଛି ଆପଣଙ୍କ ପାଖରେ ଥିବା ଶିଶୁ ସାହିତ୍ୟ ଜ୍ଞାନକୁ ଚିହ୍ନଟ କରିବା । ଏଥିପାଇଁ ଯେତେଦୂର ସମ୍ଭବ ସତ୍ୟବାଦୀ ହୁଅନ୍ତୁ । ଆପଣଙ୍କ ମନକୁ ଯାହା ଆସୁଛି ତାକୁ ଟିପି ରଖନ୍ତୁ । ଆପଣଙ୍କ ସାଥୀ ଶିକ୍ଷକମାନଙ୍କୁ ମଧ୍ୟ ନିଜ ନିଜର ଶିଶୁ ସାହିତ୍ୟ ଜ୍ଞାନକୁ ସମୀକ୍ଷା କରିବା ପାଇଁ କୁହନ୍ତୁ ।

ଦେଖିବେ, ଏହି ଜ୍ଞାନକୁ ସାଥୀ ଶିକ୍ଷକମାନଙ୍କ ସହ ଆଲୋଚନା କଲାବେଳେ ଆପଣଙ୍କୁ ବହୁତ ଖୁସି ଲାଗିବ ।

**ଆପଣ ନିଜ ମନରୁ...**

- ଗୋଟିଏ ଶିଶୁ କବିତା ଆବୃତ୍ତି କରିପାରିବେ ?
- ଗୋଟିଏ ଶିଶୁ ସଙ୍ଗୀତ ଗାଇ ପାରିବେ କି ?

**ଆପଣ ନିଜ ମନରୁ...**

- ଶିଶୁମାନଙ୍କ ପାଇଁ ଗୋଟିଏ ଲୋକଗପ କହିପାରିବେ କି ?
- ଗୋଟିଏ ସଂକ୍ଷିପ୍ତ ଐତିହାସିକ ବର୍ଣ୍ଣନା କହିପାରିବେ କି ?

**ଆପଣ ପଢ଼ିଥିବା ଗୋଟିଏ...**

- ଶିଶୁଗପ ବା ଲୋକଗପର ଗୋଟିଏ ଚରିତ୍ରର ନାମ କହିପାରିବେ କି ?
- କବିତା ବା ଶିଶୁ ସଙ୍ଗୀତର ଗୋଟିଏ ଚରିତ୍ରର ନାମ କହିପାରିବେ କି ?

**ଆପଣ...**

- ଗୋଟିଏ ପିଲାଙ୍କ ଗପ ବହିର ନାମ କହିପାରିବେ କି ?
- ଗୋଟିଏ ଶିଶୁ କବିତା ସଂକଳନର ନାମ କହିପାରିବେ କି ?
- ଶିକ୍ଷାର୍ଥୀମାନଙ୍କ ପାଇଁ ଲେଖୁଥିବା ଜଣେ ଗାଳ୍ପିକଙ୍କ ନାମ କହିପାରିବେ କି ?
- ଶିକ୍ଷାର୍ଥୀମାନଙ୍କ ପାଇଁ ଲେଖୁଥିବା ଜଣେ କବୟିତ୍ରୀଙ୍କ ନାମ କହିପାରିବେ କି ?

ଯଦି ପାରିବେ ଏ ବିଷୟରେ ଆପଣଙ୍କ ସମୀକ୍ଷା ଓ ଭାବନା ସାଥୀ ଶିକ୍ଷକଙ୍କ ସହ ଆଲୋଚନା କରନ୍ତୁ ।



ଟିକିଏ ଚିନ୍ତା କରନ୍ତୁ

- ଶିକ୍ଷାର୍ଥୀଙ୍କ ଲେଖା ଓ ଲେଖକ ବିଷୟରେ ଆପଣ ଓ ଆପଣଙ୍କ ସାଥୀ ଶିକ୍ଷକ ମଧ୍ୟରେ ସମାନତା / ଭିନ୍ନତା ଦେଖୁଛନ୍ତି କି ? ଏମିତି କିଛି ବିଷୟ ଅଛି କି ଯାହା ଆପଣ ଆପଣଙ୍କ ସାଥୀ ଶିକ୍ଷକଙ୍କ ସହ ଆଲୋଚନା କରିପାରିବେ ?
- ଆଜି ସେହି ପୁରୁଣା ଗପ ବା କବିତା ଯାହା ଆପଣ ପିଲାବେଳରୁ ଜାଣିଛନ୍ତି, ସେହିଟିକୁ ପିଲାମାନଙ୍କୁ କୁହାଯାଉଛି କି ?
- ଆପଣ ସେହି ଗପଗୁଡ଼ିକୁ ଶ୍ରେଣୀରେ କହୁଛନ୍ତି କି ? କାହିଁକି ବା କାହିଁକି ନୁହେଁ ?

ପ୍ରାୟ ଆପଣ ପିଲାବେଳେ କହିଥିବା ବା ଶୁଣିଥିବା ଗପ ମନେ ପକାଇଥିବେ । ନୀତି ଶିକ୍ଷା ଆଧାରିତ ସେହି ଲୋକଗପ ନିଶ୍ଚିତ ମନେ ପଡ଼ିଥିବ । ଏହିଗୁଡ଼ିକ ଆପଣ ଘରେ ବା ପଡ଼ୋଶୀ ଘରେ ବା ବିଦ୍ୟାଳୟରେ ଶୁଣିଥିବେ । ଏଥିପାଇଁ ଆପଣ ହୁଏତ ବହି ପଢ଼ି ନ ଥିବେ । ଯେତେବେଳେ ଆପଣ ଲୋକଗପ ବିଷୟରେ ଭାବିଛନ୍ତି ସେତେବେଳେ ଆପଣଙ୍କ ସାଥୀ ଶିକ୍ଷକମାନେ ଦାସ ବେନହର ବା ମହେଶ୍ୱର ମହାନ୍ତିଙ୍କ ଭଳି ଶିଶୁ ସାହିତ୍ୟିକମାନଙ୍କ ଗପ ବିଷୟରେ ମନେ ପକାଇଥିବେ । ସେହିଗୁଡ଼ିକ ହୁଏତ ଆଜିର ଶିକ୍ଷାର୍ଥୀମାନେ ପଢୁ ନ ଥିବେ । ଆଜିର ଶିକ୍ଷାର୍ଥୀମାନେ ଟିଭିରୁ ବା କମିକ୍ ବହିରୁ ବା ଆଞ୍ଚଳିକ ସଂସ୍କୃତି ସମ୍ପର୍କିତ ଗପ ପଢ଼ିବାରେ ଆଗ୍ରହ ଦେଖାଉଛନ୍ତି । ପୁରୁଣା ହେଉ ବା ନୂଆ ହେଉ ଏହି ଗପ ଓ କବିତାଗୁଡ଼ିକ ଆପଣଙ୍କ ଶ୍ରେଣୀ ପାଇଁ ବଡ଼ ସମ୍ବଳ । ତେଣୁ ଶ୍ରେଣୀରେ ପଢ଼ାଇବା ପାଇଁ ଏହିଭଳି ଗଳ୍ପ ସଂକଳନ ସଂଗ୍ରହ କରିବା ଆବଶ୍ୟକ ।

### ଶିକ୍ଷଣ କାର୍ଯ୍ୟ ୨ : ଆପଣଙ୍କ ଶିଶୁ ସାହିତ୍ୟ ଜ୍ଞାନକୁ ସଂପ୍ରସାରିତ କରିବା:

ବର୍ତ୍ତମାନ ଆପଣଙ୍କ ସମୀକ୍ଷା ଆଧାରରେ ଯୋଜନା କରନ୍ତୁ । ଆପଣଙ୍କ ପଢିବା ପାଇଁ ଲକ୍ଷ୍ୟ ସ୍ଥିର କରନ୍ତୁ ।

- ଶିକ୍ଷାର୍ଥୀମାନଙ୍କ ପାଇଁ ଲେଖୁଥିବା ଦୁଇଜଣ ଗାଳ୍ପିକଙ୍କ ଗପ ପଢିବେ, ଯେ କି ଆପଣଙ୍କ ପାଇଁ ନୂଆ ।
- ଶିକ୍ଷାର୍ଥୀମାନଙ୍କ ପାଇଁ ଲେଖୁଥିବା ଦୁଇଜଣ କବିଙ୍କର କବିତା ପଢିବେ, ଯେ କି ଆପଣଙ୍କ ପାଇଁ ନୂଆ ।

ସାଥୀ ଶିକ୍ଷକଙ୍କ ସହ ଆପଣଙ୍କର ଧାରଣାଗୁଡିକୁ ଆଲୋଚନା କରନ୍ତୁ ।

## ୨ ଶ୍ରେଣୀରେ ପଢ଼ାଇବା ପାଇଁ ଉପଯୁକ୍ତ ସାହିତ୍ୟ ସ୍ଥିର କରିବା

ଜଣେ ଶିକ୍ଷୟିତ୍ରୀ ପୁସ୍ତକମେଳାର ଅନୁଭୂତିକୁ କିପରି ଶ୍ରେଣୀ ଗୃହରେ ଭାଷା ଓ ସାହିତ୍ୟ ପଢ଼ାଇବାରେ ବ୍ୟବହାର କରିଥିଲେ, ତଳେ ଦିଆଯାଇଥିବା ପରିସ୍ଥିତି ଅଧ୍ୟୟନଟି ପଢ଼ିଲେ ଜାଣି ପାରିବେ ।

### ପରିସ୍ଥିତି ଅଧ୍ୟୟନ ୧ : ଶ୍ରେଣୀ ଗୃହରେ ପଢ଼ାଇବା ପାଇଁ ଶ୍ରୀମତୀ ଶ୍ରଦ୍ଧାଙ୍କର ଭାରତୀୟ ଶିଶୁ ସାହିତ୍ୟର ଅନ୍ୱେଷଣ

ଶ୍ରୀମତୀ ଶ୍ରଦ୍ଧା ହେଉଛନ୍ତି ରାଉରକେଲାର ଷଷ୍ଠ ଶ୍ରେଣୀରେ ପଢ଼ାଉଥିବା ଜଣେ ଶିକ୍ଷୟିତ୍ରୀ ।

ମୁଁ କିଛି ନୂଆ ବହି ଶ୍ରେଣୀକୁ ଆଣିବାକୁ ଇଚ୍ଛା କଲି । ଏଥିପାଇଁ ଶିକ୍ଷାର୍ଥୀମାନଙ୍କର କିଛି ବହି କିଣିବା ପାଇଁ ଆମର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମିହିର ବାବୁଙ୍କ ପାଖରୁ ଅନୁମତି ମାଗିଲି । ସେ ରାଜି ହେଲେ ।

କିଛି ମଜାଳିଆ ବହି କିଣିବା ପାଇଁ ରାଉରକେଲାର ପୁସ୍ତକ ମେଳାକୁ ଗଲି । ଶିଶୁ ସାହିତ୍ୟ ଉପରେ ସେଲ୍ ଚାଲିଥିଲା । ପିଲାଙ୍କ ପାଇଁ ଉଦ୍ଦିଷ୍ଟ କମିକ୍ ଗପ ପାଖରୁ ଆରମ୍ଭ କରି ଉପନ୍ୟାସ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ବହି ଦେଖି ମୁଁ ବହୁତ ଖୁସି ହୋଇଗଲି । ଏଥିରେ ବହୁତ ଇଂରାଜୀ ଓ ହିନ୍ଦୀ ଭାଷାରେ ବହି ଥିଲା । ମୁଁ ଓଡ଼ିଆ ଲେଖା ଖୋଜୁଥିଲି । ମୁଁ ଦେଖିଲି ବଡ଼ ବଡ଼ ପୁସ୍ତକ ପ୍ରକାଶକମାନେ ଇଂରାଜୀ ସ୍କୁଲରେ ପଢୁଥିବା ପିଲାମାନଙ୍କର ବାପା ମା'ଙ୍କ ବହି ପ୍ରକାଶ କରୁଛନ୍ତି । କିନ୍ତୁ ଗ୍ରନ୍ଥ ମନ୍ଦିର ପୁସ୍ତକ ଭଣ୍ଡାରରେ ସାହିତ୍ୟ ଉପରେ ଆକର୍ଷଣୀୟ ଓ ମୋର ଶ୍ରେଣୀ ଉପଯୋଗୀ ବହୁତ ବହି ପାଇଲି । ଶ୍ରେଣୀରେ ସେହି ଗପଗୁଡ଼ିକୁ ବଡ଼ ପାଟିରେ ପଢ଼ିବା ଆରମ୍ଭ କଲି । ଯେତେବେଳେ ସେମାନେ ଗପଗୁଡ଼ିକ ସହ ପରିଚିତ ହୋଇଗଲେ, ସେହି ଲେଖା ଆଧାରରେ ମୁଁ ଭାଷା ଓ ସାହିତ୍ୟ ଜ୍ଞାନ ବୃଦ୍ଧି ପାଇଁ ଶିକ୍ଷଣ କାର୍ଯ୍ୟ ଉପସ୍ଥାପନ କଲି ଏବଂ ଦେଖିଲି ଯେଉଁ ଗପ ବା କବିତାଗୁଡ଼ିକ ଉଚ୍ଚକୋଟୀର ଥିଲା, ତା' ଉପରେ ଶିକ୍ଷଣ କାର୍ଯ୍ୟ କରିବା ସହଜ ହେଉଥିଲା ।



ଟିକିଏ ଚିନ୍ତା କରନ୍ତୁ

- ଆପଣ ଶ୍ରୀମତୀ ଶ୍ରଦ୍ଧାଙ୍କ ସହ ଏକମତ ହେବେ କି, ଯେ ସବୁବେଳେ ଓଡ଼ିଆରେ ଶିକ୍ଷାର୍ଥୀମାନଙ୍କ ପାଇଁ ଉପଯୋଗୀ ତଥା ଭଲ ଲେଖା ମିଳେ ନାହିଁ ।
- ବହି କିଣିବା ପାଇଁ ଆପଣଙ୍କ ବିଦ୍ୟାଳୟରେ କ'ଣ ସମ୍ବଳ ରହିଛି ? ଆପଣ ସେହି ସମ୍ବଳର ସୁବିନିଯୋଗ କରିବେ କିପରି ?

ପରବର୍ତ୍ତୀ କାର୍ଯ୍ୟରେ ଆପଣ ଏକ ଉଚ୍ଚକୋଟୀର ଶିଶୁ ସାହିତ୍ୟର ଗୁଣାବଳୀ ବିଷୟରେ ଅନୁଧ୍ୟାନ କରିପାରିବେ ।

## ଶିକ୍ଷଣକାର୍ଯ୍ୟ ୩ : ଶିକ୍ଷାର୍ଥୀଙ୍କ ପାଇଁ ଉପଯୋଗୀ ଲେଖାର ମୂଲ୍ୟାୟନ

ଶିକ୍ଷାର୍ଥୀଙ୍କ ପାଇଁ ବିଭିନ୍ନ ପ୍ରକାର ଓ ବିଭିନ୍ନ ସ୍ତରର ଲେଖା ରହିଛି । ବର୍ତ୍ତମାନ ଦୁଇଟି ଉଦାହରଣ ଦେଖନ୍ତୁ । ସମ୍ବଳ-୧ରେ ଥିବା "ବାର୍ଷିକ ଚୁଟିକଟା ଦିନ" ଏବଂ ସମ୍ବଳ-୨ରେ ଥିବା "ସାପକୁ ବାହା ହୋଇଥିବା ଝିଅର କାହାଣୀ" ।

ଦୁଇଟି ପ୍ରସଙ୍ଗକୁ ବଡ଼ ପାଟିରେ ପଢ଼ନ୍ତୁ ବା ସାଥୀ ଶିକ୍ଷକଙ୍କୁ ପଢ଼ି ଶୁଣାନ୍ତୁ । ପଢ଼ିବା ସମୟରେ ତଳ ପ୍ରଶ୍ନଗୁଡ଼ିକ ବିଷୟରେ ଚିନ୍ତା କରନ୍ତୁ ।

- ଦୁଇଟି ଗପ ଭିତରେ ପ୍ରଭେଦ କ'ଣ ?
- କେଉଁ ଗପଟି ଭଲ ଲାଗିଲା ?
- ପ୍ରତ୍ୟେକ ଗପର ଭଲ ଗୁଣଗୁଡ଼ିକ କ'ଣ ?

"ବାର୍ଷିକ ଚୁଟିକଟା ଦିନ" ଗପଟିକୁ ପଢ଼ନ୍ତୁ ଏବଂ ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଭାବନ୍ତୁ-

- ସାଧାରଣତଃ ଗପଗୁଡ଼ିକ 'ବହୁଦିନ ପୂର୍ବରୁ...' ବା 'ଏକଦା...' ଏହିପରି ଆରମ୍ଭ କରାଯାଇଥାଏ । ଏହି ଗପରେ ଏପରି ହୋଇନାହିଁ କାହିଁକି ?
- ଗପରେ ଚିତ୍ର ରହିବା ଆବଶ୍ୟକ କି ? କାହିଁକି / କାହିଁକି ନୁହେଁ ?
- ଗପ ବିଷୟରେ କେଉଁଟି ଆପଣଙ୍କ ଶିକ୍ଷାର୍ଥୀଙ୍କୁ ଭଲ ଲାଗିବ ବୋଲି ଆପଣ ଭାବୁଛନ୍ତି ?

ଆପଣଙ୍କ ଧାରଣାକୁ ଆମମାନଙ୍କ ସହ ତୁଳନା କରନ୍ତୁ ।

'ବାର୍ଷିକ ଚୁଟିକଟା ଦିନ' ଗପଟି ଏକ ସୁନ୍ଦର ଚିତ୍ର ବହି । ଏହି ଗପରେ ଯେଉଁ ଲୋକ ଓ ସ୍ଥାନ ବିଷୟରେ ବର୍ଣ୍ଣନା କରାଯାଇଛି, ତାହା ସମସାମୟିକ ତଥା ପରିଚିତ । ତା' ଭିତରୁ ବହୁତ କଥା, ଯେମିତି ବାରିକର ଦୋକାନ ଓ ବ୍ୟସ୍ତ ବହୁଳ ଘର ବିଷୟରେ ଯାହା ବର୍ଣ୍ଣନା କରାଯାଇଛି ତାହା ଆନନ୍ଦଦାୟୀ ତଥା ଆଲୋଚନା କଲା ଭଳି ବିଷୟ ।

ଗପଟି ସରଳ ଲାଗୁଛି ଓ ଏଥିରେ କିଛି କଥା ବାରମ୍ବାର ଲେଖାଯାଇଛି କିନ୍ତୁ ଲେଖାଟିରେ ଭାଷା ସଂଯୋଜନା ବେଶ୍ କଷ୍ଟ । ଯେମିତି...

**ଦୁଃଖ ଭାବନା :** ଶ୍ରୀଙ୍ଗେରୀ ଶ୍ରୀନିବାସ ଘରକୁ ଫେରିଲେ...

**କ୍ରୋଧ ଭାବନା :** ଶ୍ରୀଙ୍ଗେରୀ ଶ୍ରୀନିବାସ ସାଙ୍ଗ ଘରକୁ ଗଲେ...

**ଏକ ବ୍ୟସ୍ତ ଭାବନା :** ଶ୍ରୀଙ୍ଗେରୀ ଶ୍ରୀନିବାସ ଅନ୍ୟ ଜଣେ ବନ୍ଧୁଙ୍କ ଘରକୁ ଗଲେ...

**କାନ୍ଦ ଭାବନା :** ସେ ବାହାରି ଗଲେ...

ବାର୍ଷିକ ଚୁଟିକଟା ଦିନଟି ନୂଆ ନୂଆ ପାଠକମାନଙ୍କ ପାଇଁ ଉଦ୍ଦିଷ୍ଟ । ସେମାନେ ଏହାକୁ କିପରି ସ୍ୱାଧୀନଭାବରେ ପଢ଼ିବେ ସେ ବିଷୟରେ ଚିନ୍ତା କରି ଲେଖାଯାଇଛି । ଏଥିରେ ପରିଚିତ ଶବ୍ଦ ଓ ବାକ୍ୟ ବ୍ୟବହାର କରାଯାଇଛି । ପିଲାମାନେ ଚିତ୍ରକୁ ଦେଖି ବହୁତ କଥା ନିଜେ ନିଜେ ବୁଝି ପାରିବେ ।

ଯେହେତୁ ଏହିଭଳି ଗପ ଶିକ୍ଷାର୍ଥୀମାନେ ପଢ଼ିବାକୁ ବହୁତ ଭଲପା'ନ୍ତି, ସେମାନେ ବାରମ୍ବାର ବ୍ୟବହାର ହୋଇଥିବା କିଛି ନିର୍ଦ୍ଦିଷ୍ଟ ଶବ୍ଦ ଅନ୍ୟ ବହିରେ ପଢ଼ି ବୁଝିପାରିବେ ଓ ନିଜ କଥନ ଓ ଲିଖନରେ ବ୍ୟବହାର କରିପାରିବେ ।

ଏହିଭଳି ଗପ ଶିକ୍ଷାର୍ଥୀମାନଙ୍କର କଥନ ଓ ଶ୍ରବଣ ଦକ୍ଷତାକୁ ବଢ଼ାଇଦିଏ, କାରଣ ଗପରେ ଥିବା ଚିତ୍ର ଓ କୌତୂହଳ ସେମାନଙ୍କୁ ପଢ଼ିବା ପାଇଁ ଆଗ୍ରହୀ କରାଏ ।

ଏହି ଗପଗୁଡ଼ିକ ଶିଶୁପ୍ରିୟ କାରଣ ଏହା ନୂଆ ପାଠକମାନଙ୍କର ପରିଚିତ ବସ୍ତୁ ଉପରେ ଆଧାରିତ । ତେଣୁ ଏହି ଗପଗୁଡ଼ିକ ଶିକ୍ଷାର୍ଥୀମାନଙ୍କର ଅନ୍ୟ ଗପ ବା ବହି ପଢ଼ିବା ପାଇଁ ଆଗ୍ରହ ବଢ଼ାଇଥାଏ ।

ଏହି ଗପଗୁଡ଼ିକ ପଢ଼ିଲେ ବା ଶୁଣିଲେ, ପିଲାମାନେ...

- ନୂଆ ଚରିତ୍ର ବା ନୂଆ ସ୍ଥାନ ଯୋଡ଼ି ଗପଟିକୁ ଆଗେଇ ନେଇ ପାରିବେ ।
- ଗପଟିକୁ ନୂଆ ଭାବରେ ଶେଷ କରିପାରିବେ ।
- ଏହି ଗପରେ ଅଭିନୟ କରିପାରିବେ ।
- ନିଜ ମନରୁ ନୂଆ ଗପ କହି ପାରିବେ ବା ଲେଖି ପାରିବେ ।
- ଏହି ଗପ ଆଧାରରେ ନୂଆ ଗପ ତିଆରି କରିପାରିବେ, ଯେମିତି ଗୋଟିଏ କୁମ୍ଭୀର ଥିଲା ଯାହାର ବାର୍ଷିକ ଚୁଟିକଟା ଦିନ ଥିଲା, ସେ...

ବର୍ତ୍ତମାନ ସମ୍ବଳ ୨ ରେ ଦିଆଯାଇଥିବା "ସାପକୁ ବିବାହ କରିଥିବା ଝିଅ" ଗପଟିକୁ ପଢ଼ିବା ।

- ଏହି ଗପଟି "ବାର୍ଷିକ ଚୁଟିକଟା ଦିନ" ଠାରୁ କିପରି ଭିନ୍ନ ?
- ଏହି ଗପରେ ଚିତ୍ର ଆବଶ୍ୟକ ନାହିଁ ବୋଲି ଆପଣ କାହିଁକି ଭାବୁଛନ୍ତି ?
- ନିଜ ମନରୁ ଆପଣ ଏହି ଗପଟିକୁ ଶିକ୍ଷାର୍ଥୀମାନଙ୍କୁ କହି ପାରିବେ କି ?
- ଏହି ଗପରେ ଥିବା କଷ୍ଟ ଶବ୍ଦଗୁଡ଼ିକ ସ୍ଥାନରେ ସରଳ ଶବ୍ଦ ଲଗାଇ ପାରିବେ କି ?
- ଗୀତ, ଅଭିନୟ, ସଂଳାପ ଓ ଅଧିକ ଚରିତ୍ର ଦେଇ ଗପଟିକୁ ଆଗକୁ ନେଇ ହେବ କି ?
- ଏହି ଗପରେ ଅଭିନୟ କରି ଶିକ୍ଷାର୍ଥୀମାନେ ଖୁସି ହେବେ ବୋଲି ଆପଣ ଭାବୁଛନ୍ତି କି ?

ଏହି "ସାପକୁ ବିବାହ କରିଥିବା ଝିଅ" ଗପଟି ପଞ୍ଚତନ୍ତ୍ରରୁ ଆସିଛି, ଯାହା ସାଧାରଣତଃ ଏହିଭଳି ପୁରୁଣାକାଳିଆ ଗପ । ଏହି ଗପଗୁଡ଼ିକ- 'ଏକଦା'/ 'ଥରେ'/ ବହୁତ ଦିନ ତଳର' କଥା ଇତ୍ୟାଦି ଶବ୍ଦ ମାଧ୍ୟରେ ଆରମ୍ଭ କରାଯାଇଥାଏ । ଏହା ଏକ ନିର୍ଦ୍ଦିଷ୍ଟ ସମୟରେ ଲେଖାଯାଇନାହିଁ ଏବଂ ଗପଟିକୁ ପଢ଼ିଲେ ଏହା ବର୍ତ୍ତମାନର ଲେଖା ବୋଲି ଜଣାପଡ଼େ ନାହିଁ ।

ଏହା ଏକ ଆବେଗାତ୍ମକ ଗପ । ଏଥିରେ କିଛି କଥା ଆଶ୍ଚର୍ଯ୍ୟ ଏବଂ ବିରକ୍ତିକର ମଧ୍ୟ ଲାଗେ ।

'ବାର୍ଷିକ ଚୁଟିକଟା ଦିନ' ଭଳି ଏହି ଗପଟି ସରଳ ନୁହେଁ ବା ଏଥିରେ ବ୍ୟବହାର ହୋଇଥିବା ଶବ୍ଦ ଶିକ୍ଷାର୍ଥୀମାନଙ୍କର ପରିଚିତ ପୃଥିବୀର କଥା ନୁହେଁ ।

ଏହି ଗପଟିକୁ ପଢ଼ିଲାବେଳେ ଶିକ୍ଷାର୍ଥୀମାନେ ଏହାର କ୍ଲିଷ୍ଟ ଶବ୍ଦ ତଥା ନିଜେ ନିଜେ ବୁଝିପାରନ୍ତି ନାହିଁ । ଏହି ଗପରେ ଶିକ୍ଷାର୍ଥୀମାନେ ଭାରତର ପୁରୁଣା ସଂସ୍କୃତି ଓ ଭାଷା ବିଷୟରେ ଜ୍ଞାନ ପାଇଥା'ନ୍ତି ।

ଏହି ଗପଟିକୁ ପଢ଼ିଲେ ଶିକ୍ଷାର୍ଥୀମାନେ...

- ଗପଟିକୁ କହିପାରିବେ ।
- ଏହି ଗପ ଆଧାରରେ ନିଜର ନୂଆ ଗପ ତିଆରି କରିପାରିବେ ।
- ଅଭିନୟ କରିପାରିବେ ।
- ଚରିତ୍ର ଚରିତ୍ର ମଧ୍ୟରେ ସଂଳାପ କହିପାରିବେ ।
- ଗପ ଅନୁସାରେ ଚିତ୍ର ଆଙ୍କି ପାରିବେ ।
- ଗପରେ କାହିଁକି ଏପରି ହୋଇଛି ତା'ର କଳ୍ପନା କରିପାରିବେ ।
- ଗପଟିକୁ ଆଗେଇ ନେଇପାରିବେ ।
- ଗୋଷ୍ଠୀରେ ବା ବିଦ୍ୟାଳୟରେ ଏହି ଗପର ଅଭିନୟ କରିପାରିବେ ।

ଟିକିଏ ଚିନ୍ତା କରନ୍ତୁ

ଏହି ଦୁଇଟି ଗପ ଆଧାରରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକ ପଢ଼ିଲେ । ଏହା ଆପଣଙ୍କ ଶ୍ରେଣୀରେ ଭାଷା ଓ ସାହିତ୍ୟ ପଢ଼ାଇବାରେ ସହାୟକ ହେବ କି ?

ଦୁଇଟିଯାକ ଗପ ଶିକ୍ଷାର୍ଥୀଙ୍କ ପଢ଼ା ବହିରୁ ଆସି ନାହିଁ । ଉଭୟ ଗପ ଆଗ୍ରହାତ୍ମକ ଓ ଆଲୋଚନା କଲା ଭଳି ଭାଷାରେ ଲେଖା ଯାଇଛି । ଉଭୟ ଗପକୁ ଆଗକୁ ବଢ଼ାଇ ହେବ ତଥା ଏଥିରେ ସାମାନ୍ୟ ପରିବର୍ତ୍ତନ କରି ଶିକ୍ଷାର୍ଥୀମାନଙ୍କ ପାଇଁ ଉପଯୋଗୀ କରି ହେବ । ଏହା ସହିତ ଭାଷା ଓ ସାହିତ୍ୟର ବହୁତ ଦକ୍ଷତା ହାସଲ କରି ହେବ ।

ଶିକ୍ଷାର୍ଥୀଙ୍କ ପାଇଁ ଭାଷା ଓ ସାହିତ୍ୟ ପାଠ ବାଛିଲାବେଳେ କେଉଁ କେଉଁ ଦିଗ ପ୍ରତି ଦୃଷ୍ଟି ଦେବେ, ସମ୍ବଳ-୩ ଆପଣଙ୍କୁ ସାହାଯ୍ୟ କରିବ । ବର୍ତ୍ତମାନ ସମ୍ବଳ-୩କୁ ପଢ଼ନ୍ତୁ ଓ ନିଜର ଶ୍ରେଣୀ ପାଇଁ ଭାଷା ସାହିତ୍ୟ ବିଷୟରେ ଚିନ୍ତା କରନ୍ତୁ ।

## ୩ ଶ୍ରେଣୀରେ ଗପ ଓ କବିତାର ବ୍ୟବହାର କରିବା

ପରବର୍ତ୍ତୀ କାର୍ଯ୍ୟରେ ଆପଣ କବିତାର ଭାଷା ବିଷୟରେ ଜାଣିପାରିବେ ।

### ଶିକ୍ଷଣକାର୍ଯ୍ୟ ୪ : କବିତାର ରସବୋଧ

ତଳ କବିତାଟିକୁ ଶିକ୍ଷାର୍ଥମାନଙ୍କ ଉଦ୍ଦେଶ୍ୟରେ ବଡ଼ପାଟିରେ ପଢ଼ନ୍ତୁ ବା ଜଣେ ସାଥୀ ଶିକ୍ଷକଙ୍କ ସହ ପଢ଼ନ୍ତୁ ।

(କବିତା : "ବର୍ଷା" ଜଗନ୍ନାଥ ଦାସ)

ଏମନ୍ତେ ବର୍ଷାଜଳ ଗଲା, ମେଘେ ମିଳିଲେ ଶୂନ୍ୟପଥେ,

ବରଷା ଋତୁ ପ୍ରକାଶିଲା ।। ବିଜୁଳି ଶବଦ ସଙ୍ଗତେ ।।

ସକଳ ରେନୁଙ୍କର ସାର, ମହୀ ମଣ୍ଡଳ ଦୁଖଃ ଚାହିଁ,

ଶସ୍ୟ- ସମ୍ପଦ ମଞ୍ଜପୁର ।। ଜଳ ଛାଡିଲା ଶେଷ ହୋଇ ।।

ବର୍ତ୍ତମାନ ତଳ ପ୍ରଶ୍ନର ଉତ୍ତର ଦିଅନ୍ତୁ

- ଏହି କବିତାଟି ପଢ଼ି ଆପଣ ଖୁସି ହେଲେ ନା ଦୁଃଖୀ ହେଲେ ?
- ଏହା ଆପଣଙ୍କୁ କ'ଣ ଚିନ୍ତା କରିବାକୁ ଖୁରାକ ଦେଲା ?
- ଶିକ୍ଷାର୍ଥୀମାନେ ଏହାର ରସବୋଧ କରିପାରିବେ କି ? କାହିଁକି / କାହିଁକି ନୁହେଁ ?
- ଏଥିରେ ଥିବା ବାକ୍ୟାଂଶଗୁଡ଼ିକର ଅର୍ଥ କିପରି ବାହାର କରିବେ ? ଏହାକୁ ଶିକ୍ଷାର୍ଥୀମାନଙ୍କୁ କିପରି ବୁଝାଇବେ ?

ଏ ବିଷୟରେ ଆପଣଙ୍କ ବନ୍ଧୁଙ୍କ ସହ ଆଲୋଚନା କରନ୍ତୁ । ଏହି କବିତାରେ ଥିବା ଶବ୍ଦ ଓ ବାକ୍ୟାଂଶଗୁଡ଼ିକୁ ବୁଝାଇ ପାରିବେ କି ବା ଅଙ୍ଗଭଙ୍ଗୀ କରି ବୁଝାଇପାରିବେ କି ?



### ଟିକିଏ ଚିନ୍ତା କରନ୍ତୁ

ଆବୃତ୍ତି ଶୁଣିବା ସମୟରେ ଛୋଟ ଛୋଟ ପିଲାମାନେ ମଧ୍ୟ କବିତାର ରସବୋଧ କରିପାରନ୍ତି । ସେମାନେ ପ୍ରତ୍ୟେକ ଶବ୍ଦର ଅର୍ଥ ବୁଝି ନ ପାରନ୍ତି, କିନ୍ତୁ ସ୍ୱର ଓ ତାଳ ଅନୁସାରେ ଭାଷାର ବହୁତ କଥା ବୁଝିପାରନ୍ତି । ଏପରିକି ସେମାନେ ବହୁତ ନୂଆ ଶବ୍ଦ ସଂସ୍ପର୍ଶରେ ଆସି ନ ଥିଲେ ମଧ୍ୟ ବୁଝିପାରନ୍ତି ।

- ଆପଣ କେଉଁ ସବୁ କବିତା ଶ୍ରେଣୀରେ ପଢାଇଛନ୍ତି ?
- କେଉଁଟିକୁ ଠିକ୍ ଭାବରେ ପଢାଇଛନ୍ତି ?

ଏକ ଭଲ ସାହିତ୍ୟ ଶୁଣିଲେ ଶିକ୍ଷାର୍ଥୀମାନେ ସେଇଟିକୁ ପଢ଼ିବା ପାଇଁ ଇଚ୍ଛା କରନ୍ତି । ଯାହା ହେଉ ଶ୍ରେଣୀରେ କିପରି ନୂଆ ସାହିତ୍ୟ ଆରମ୍ଭ କରିବେ, ଏଥିରେ ଥିବା ଶେଷ ଅଧ୍ୟାୟଟି ଆପଣଙ୍କୁ ସାହାଯ୍ୟ କରିବ । ବିଦ୍ୟାଳୟରେ ଗପ କହିବା ବା କବିତା ଆବୃତ୍ତି କରିବା ଭଳି ବହୁତ ଅନୁଭୂତି ଅଛି, ଯାହା ବିଦ୍ୟାଳୟ ନିର୍ଘଣ୍ଟ ଉପରେ କିଛି ପ୍ରଭାବ ପକାଇ ନ ଥାଏ ।

କୌଣସି ଶ୍ରବଣ ଓ କଥନ କାର୍ଯ୍ୟ କରିବା ସମୟରେ ଭାଷା ଦକ୍ଷତା ଆଧାରିତ ଶିକ୍ଷଣ କାର୍ଯ୍ୟ ବା ଲିଖିତ କାର୍ଯ୍ୟ ଏଥିରେ ଯୋଡ଼ନ୍ତୁ ନାହିଁ । ଶିକ୍ଷାର୍ଥୀମାନଙ୍କୁ ଏହି ଗପ ବା କବିତାକୁ ଖୁସିରେ ଉପଭୋଗ କରିବାକୁ ଦିଅନ୍ତୁ ।

## ଶିକ୍ଷଣକାର୍ଯ୍ୟ ୫ : ଶ୍ରେଣୀରେ କବିତା ଆବୃତ୍ତି କରିବା

୧. ଆପଣ ଭଲଭାବରେ ଜାଣିଥିବା ଗୋଟିଏ ଛୋଟ କବିତା ବାଛନ୍ତୁ । ଏଇଟିକୁ ଘରେ ବା ସାଥୀ ଶିକ୍ଷକଙ୍କ ସହ ଅଭ୍ୟାସ କରନ୍ତୁ ଏବଂ ମନେ ରଖନ୍ତୁ ।
୨. ବିଦ୍ୟାଳୟ ସମୟ ଆରମ୍ଭରେ ବା ମଧ୍ୟାହ୍ନ ଭୋଜନ ପୂର୍ବରୁ ବା ପରେ ହେଉ ଏହିଟିକୁ ପଢ଼ାଇବା ପାଇଁ ଗୋଟିଏ ଉପଯୋଗୀ ସମୟ ସ୍ଥିର କରନ୍ତୁ । କବିତାର ଶୀର୍ଷକଟିକୁ କଳାପଟାରେ ଲେଖି ଦିଅନ୍ତୁ ।
୩. ଆବୃତ୍ତି କରିବା ସମୟରେ ଶିକ୍ଷାର୍ଥୀମାନଙ୍କ ସହ ଆଖିରେ ଆଖି ମିଶାଇ ଆବୃତ୍ତି କରନ୍ତୁ । କଳାପଟାରେ ଚିତ୍ର / ରେଖା / ସାରଣୀ ଆଙ୍କି କଷ୍ଟ ଶବ୍ଦ ଗୁଡ଼ିକର ଅର୍ଥ ବୁଝାଇ ଦେଇପାରନ୍ତି ।
୪. ସପ୍ତାହ ଶେଷରେ ବା ପରବର୍ତ୍ତୀ ସପ୍ତାହରେ ସେଇଟିକୁ ଆଉ ଥରେ ପଢ଼ାନ୍ତୁ, ଯାହାଫଳରେ ଶିକ୍ଷାର୍ଥୀମାନେ ସେଇଟିକୁ ଭଲ ଭାବରେ ଜାଣି ପାରିବେ ।
୫. ଶିକ୍ଷାର୍ଥୀମାନଙ୍କୁ ଆପଣଙ୍କ ସହିତ ଅଙ୍ଗଭଙ୍ଗୀ ଓ ଅଭିନୟ ସହ ଗାଇବାକୁ ଆମନ୍ତ୍ରିତ କରନ୍ତୁ ।
୬. ଅନ୍ୟ ଦିନଗୁଡ଼ିକରେ ଶିକ୍ଷାର୍ଥୀମାନଙ୍କୁ ଯୋଡ଼ିରେ ବା ଛୋଟ ଦଳରେ (ଆପଣଙ୍କ ବିନା) ଗାଇବା ପାଇଁ ସୁଯୋଗ ଦିଅନ୍ତୁ । ସେମାନେ କେତେ ଆତ୍ମବିଶ୍ୱାସର ସହ ଗାଉଛନ୍ତି ବା କେତେ ବୁଝୁଛନ୍ତି ଅନୁଧ୍ୟାନ କରନ୍ତୁ ।

## ଶ୍ରେଣୀକାର୍ଯ୍ୟ ୬ : ଶ୍ରେଣୀରେ ଉଚ୍ଚ ପଠନ କରିବା

ଯେ କୌଣସି ବହିରୁ ଏକ ଭଲ ଶିଶୁ ଗପ ବାଛନ୍ତୁ । ଘରେ ବା ସାଥି ଶିକ୍ଷକଙ୍କ ସହ ତାକୁ ଭଲଭାବରେ ବଡ଼ ପାଟିରେ ପଢ଼ନ୍ତୁ ଓ ମନେରଖନ୍ତୁ ।

ଶିକ୍ଷାର୍ଥୀମାନଙ୍କୁ ବହି ସହିତ ପରିଚିତ କରାନ୍ତୁ । ଶ୍ରେଣୀରେ ବା ଗଛ ମୂଳରେ ଅର୍ଦ୍ଧ ଗୋଲାକାରରେ ବସାନ୍ତୁ ।

ବହିଟିର ଉପର ପୃଷ୍ଠା ଶିକ୍ଷାର୍ଥୀମାନଙ୍କୁ ଦେଖାନ୍ତୁ । ଏହି ବହିଟି କେଉଁ ବିଷୟରେ ହୋଇଥିବ ସେମାନଙ୍କୁ ଚିନ୍ତା କରିବାକୁ କୁହନ୍ତୁ । ଯଦି

ବହିଟିର ଉପର ପୃଷ୍ଠାରେ ଜଙ୍ଗଲର ଚିତ୍ର ଅଛି, ତେବେ ପଚାରନ୍ତୁ : "କେହି ଜଙ୍ଗଲ ଭିତରକୁ ଯାଇଛ କି ? ବା ଜଙ୍ଗଲ ଦେଖିଛ କି ? ଏହା ଦେଖିବାକୁ କିପରି ?" ଇତ୍ୟାଦି । ଯଦି ଏଠାରେ ବର୍ଷା ଉପରେ ଚିତ୍ର ଅଛି, ତେବେ ପଚାରନ୍ତୁ: "ବର୍ଷା ତୁମକୁ କିପରି ଲାଗେ ?" ହଁ / ନା, କାହିଁକି ? ଗପଟିର ଶୀର୍ଷକ ପଢ଼ନ୍ତୁ ଓ ବହିଟିର ବିଷୟବସ୍ତୁ କ'ଣ, ଶିକ୍ଷାର୍ଥୀମାନଙ୍କୁ ଅନୁମାନ କରିବାକୁ କୁହନ୍ତୁ । ବହିଟିକୁ ଏପରି ପ୍ରଦର୍ଶିତ କରନ୍ତୁ ଯେପରି ଶିକ୍ଷାର୍ଥୀମାନେ ଏଥିରେ ଥିବା ଶବ୍ଦ ଓ ଚିତ୍ର ଦେଖି ପାରିବେ । ପ୍ରଥମ କରି ପଢ଼ିବାକୁ ଆରମ୍ଭ କରୁଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ଶବ୍ଦରେ ଆଙ୍ଗୁଳି ଦେଖାଇ ପଢ଼ନ୍ତୁ ।

ଚିତ୍ର ଦେଖାଇ, ଅଙ୍ଗଭଙ୍ଗୀ କରି ସଂପୂର୍ଣ୍ଣ ଭାବର ସହ ଧିରେ ଧିରେ ପଢ଼ନ୍ତୁ । ଆପଣଙ୍କ ପଢ଼ା ସାରିବା ପରେ ତଳ ଲିଖିତ ପ୍ରଶ୍ନଗୁଡ଼ିକୁ ଶିକ୍ଷାର୍ଥୀମାନଙ୍କୁ ପଚାରନ୍ତୁ ।

- ଏହି ଗପରେ ତୁମକୁ କ'ଣ ଭଲ ଲାଗିଲା ?
- ଏମିତି କ'ଣ କଥା ତୁମକୁ ଆଦୌ ଭଲ ଲାଗିଲା ନାହିଁ ?
- ଏମିତି କିଛି ଥିଲା ଯାହା ତୁମକୁ ଦ୍ୱନ୍ଦରେ ପକାଇଲା ? ସେଇଟା କ'ଣ ?

ସେହି ସପ୍ତାହରେ ବା ପରବର୍ତ୍ତୀ ସପ୍ତାହରେ ସେହି ଗପଟିକୁ ଆଉ ଥରେ ପଢ଼ାନ୍ତୁ । ଏହା ଦ୍ୱାରା ଆପଣଙ୍କ ଶିକ୍ଷାର୍ଥୀମାନେ କିଛି ବୁଝି ପାରିବେ ।

ଶିକ୍ଷାର୍ଥୀମାନଙ୍କୁ ଛୋଟ ଦଳରେ ବା ଯୋଡ଼ିରେ ଗପଟିକୁ ପୁନର୍ବାର କହିବାକୁ କୁହନ୍ତୁ । ଦେଖନ୍ତୁ କେଉଁ ଶିକ୍ଷାର୍ଥୀ ଗପଟିକୁ ପୁରା ମନେ ରଖିଛି, କେଉଁ ଶିକ୍ଷାର୍ଥୀ ଗପଟିକୁ ଆଗେଇ ନେଇ ପାରୁଛି ବା ଅଲଗା ଢ଼ଙ୍ଗରେ କହୁଛି । କେଉଁ ଶିକ୍ଷାର୍ଥୀ ଆଗ୍ରହ ଦେଖାଉଛି ବା କେଉଁ ଶିକ୍ଷାର୍ଥୀ ବୁଝିପାରୁ ନାହିଁ ବା ପଢ଼ିବାରେ ଆଗ୍ରହ ଦେଖାଉ ନାହିଁ ।

ଶିକ୍ଷାର୍ଥୀମାନଙ୍କର ଉତ୍ତର ଆପଣଙ୍କୁ ସେମାନଙ୍କ ପାଇଁ ଭଲ ଶିକ୍ଷଣ କାର୍ଯ୍ୟ ଉପସ୍ଥାପନ କରିବା ପାଇଁ ରାସ୍ତା ଦେଖାଇବ ।

ଶ୍ରେଣୀରେ ଗଳ୍ପ କଥନ ପାଇଁ ଆହୁରି ମୂଲ୍ୟବାନ୍ ତଥ୍ୟ ସମ୍ବଳ-୪ ରେ ଦିଆଯାଇଛି ।



ଭିଡ଼ିଓ : ଗଳ୍ପ କଥନ, ଗୀତ, ଭୂମିକା ଅଭିନୟ ଓ ନାଟକ



ଟିକିଏ ଚିନ୍ତା କରନ୍ତୁ

- ଉପରେ ଦିଆଯାଇଥିବା ଗଳ୍ପ କଥନ ବା କବିତା ଆବୃତ୍ତି ବିଷୟରେ ଆପଣ କ'ଣ ଅନୁଭୂତି ପାଇଲେ ?
- ଏଗୁଡ଼ିକ ଉପରେ ଆପଣଙ୍କ ଶିକ୍ଷାର୍ଥୀମାନଙ୍କର ମତାମତ କ'ଣ ?

ଆପଣ ଯଦି ଏହିଭଳି ଗପ କେବେ ଶ୍ରେଣୀରେ କହିନାହାନ୍ତି ବା କବିତା ଆବୃତ୍ତି କରିନାହାନ୍ତି, ଆପଣ ବୋଧ ହୁଏ ପ୍ରଥମେ ଭୟ କରିଥିବେ । ଆପଣ ଯଦି ଧାରାବାହିକ ଭାବେ ଏହି କାର୍ଯ୍ୟ କରିଚାଲିବେ, ତେବେ ଆପଣ ତଥା ଆପଣଙ୍କର ଶିକ୍ଷାର୍ଥୀମାନେ ଏହାକୁ ଉପଭୋଗ କରିପାରିବେ ଓ ଆପଣଙ୍କ ସହ ମିଶି କାମ କରିପାରିବେ । ସେମାନେ ନିଜେ ନିଜେ ମଧ୍ୟ କବିତା ଓ ଗପ ପଢ଼ି ଆନନ୍ଦ ପାଇବେ ।

## ସାରାଂଶ

ଏହି ଏକକରେ ଆପଣ ଶିଶୁ ସାହିତ୍ୟ ବିଷୟରେ ଆପଣଙ୍କର ଜ୍ଞାନକୁ ସମୀକ୍ଷା କଲେ ଏବଂ ଏକ ଉଚ୍ଚକୋଟୀର ଶିଶୁ ସାହିତ୍ୟର ବିଭିନ୍ନ ଗୁଣାବଳୀ ବିଷୟରେ ଜାଣିପାରିଲେ । ଶ୍ରେଣୀରେ କବିତା ଆବୃତ୍ତି ଓ ଗଳ୍ପ କଥନର ଅଧିକ ସୁଯୋଗ ସୃଷ୍ଟି କରିପାରିବେ ବୋଲି ମଧ୍ୟ ଭାବିଥିବେ । ଆପଣ ଯଦି ପିଲାମାନଙ୍କ ପାଇଁ ଏହି ଭଳି କାର୍ଯ୍ୟ ନିୟମିତ ଭାବରେ କରିବେ, ଆପଣଙ୍କ ଶିକ୍ଷାର୍ଥୀମାନେ ଖୁସି ହେବେ ଓ ଏହିପରି ଗପ ଓ କବିତା ନିଜେ ନିଜେ ପଢ଼ିବା ପାଇଁ ଆଗ୍ରହୀ ହେବେ ଯଦ୍ଦ୍ୱାରା ସେମାନଙ୍କର ଭାଷାଗତ ଜ୍ଞାନ ବଢ଼ିବାରେ ଏହା ସହାୟକ ହେବ ।

## ସମ୍ବଳ ସମୂହ

### ସମ୍ବଳ ୧ : ବାର୍ଷିକ ଚୁଟି କଟା ଦିନ (ଚିତ୍ର)




ଶ୍ରୀନେରୀ ଶ୍ରୀନିବାସ ପାଇଁ ଏହାବାର୍ଷିକ ଚୁଟିକଟା ଦିନ ଥିଲା ।



ଶ୍ରୀନେରୀ ଶ୍ରୀନିବାସ ସବୁଦିନ ଭଳି ସେଲୁନ୍‌କୁ ଗଲା ।





କିନ୍ତୁ ବାରିକଟି କହିଲା- "ଏତେ ଲମ୍ବା ଚୁଟି କାଟିବା ପାଇଁ ଆଜି ମୋର ସମୟ ନାହିଁ ।"



ଦୁଃଖର ସହିତ ଶ୍ରୀନେରୀ ଶ୍ରୀନିବାସ ଘରକୁ ଫେରି ତା' ସ୍ତ୍ରୀକୁ ସାହାଯ୍ୟ କରିବା ପାଇଁ କହିଲା ।




ତା' ସ୍ତ୍ରୀ କହିଲା- "ଏତେ ଲମ୍ବା ଚୁଟି କାଟିବା ପାଇଁ ଆଜି ମୋର ସମୟ ନାହିଁ ।"



ଶ୍ରୀନେରୀ ଶ୍ରୀନିବାସ ଟିକିଏ ରାଗିଗଲା ଓ ତା'ର ସାଙ୍ଗ (ଜଣେ ଦରଜୀ) ପାଖକୁ ଗଲା ।




କିନ୍ତୁ ତା'ର ଦରଜୀ ସାଙ୍ଗ କହିଲା- "ଏତେ ଲମ୍ବା ଚୁଟି କାଟିବା ପାଇଁ ଆଜି ମୋର ସମୟ ନାହିଁ ।"




ଏବେ ଶ୍ରୀନେରୀ ଶ୍ରୀନିବାସ ଟିକିଏ ବ୍ୟସ୍ତ ହେଲା ଓ ଅନ୍ୟ ଜଣେ ସାଙ୍ଗ (ବଢ଼େଇ) ପାଖକୁ ଗଲା ।



କିନ୍ତୁ ବଢ଼େଇ ବନ୍ଧୁ କହିଲା- "ଏତେ ଲମ୍ବା ଚୁଟି କାଟିବା ପାଇଁ ଆଜି ମୋର ସମୟ ନାହିଁ ।"

| | | |
|---|---|---|
| <br>ସେ ଭାବିଲା – ଆଜିର ଏହି ବାର୍ଷିକ ଚୁଟିକଟା ଦିନରେ ମୋର ଚୁଟି କେହି କାଟିବେ ନାହିଁ । | <br>ଶ୍ରୀନେରୀ କାନ୍ଦ କାନ୍ଦ ହୋଇ ଚାଲିଲା ଏବଂ ଏହି ଭିତର ଗାଁ ଜଙ୍ଗଲ ପାରି ହୋଇଗଲା । | <br>ସେ ଗୋଟିଏ ଗୁମ୍ଫା ପାଖରେ ବସି ବଡ଼ ପାଟିରେ କାନ୍ଦିଲା । |
| <br>ସନ୍ଧ୍ୟା ହୋଇ ଆସୁଛି । ମୁଁ କିପରି ମୋ ଚୁଟି କାଟିବାର ପ୍ରତିଜ୍ଞା ରଖିବି । ହେ ଭଗବାନ୍ ମୋତେ ସାହାଯ୍ୟ କରନ୍ତୁ । | <br>ଗୁମ୍ଫା ଭିତରେ ଶାନ୍ତିରେ ଶୋଇଥିବା ବାଘଟି ଏହାର କାନ୍ଦ ଶୁଣି ବିରକ୍ତ ହେଲା । | <br>ସେ ଗର୍ଜନ କରି ଶ୍ରୀନିବାସ ଆଡ଼କୁ ମାଡ଼ି ଆସିଲା । |
| <br>ବିଚରା ଶ୍ରୀନେରୀ ଏତେ ଭୟଭୀତ ହୋଇଗଲା ଯେ... | <br>... ତା'ର ମୁଣ୍ଡରୁ ସବୁ ଟକ ଚୁଟି ଖସି ପଡ଼ିଲା । | <br>ଶ୍ରୀନେରୀ ଦଉଡ଼ି ଦଉଡ଼ି ଗାଁରେ ପହଞ୍ଚିଗଲା ଏବଂ ବାଘଟି ଶୋଇବାକୁ ଗଲା । |



ବର୍ତ୍ତମାନ ଶ୍ରୀନେରୀର ବହୁତ ଦିନ ପର୍ଯ୍ୟନ୍ତ ଚୁଟି କାଟିବାର ଆବଶ୍ୟକତା ପଡ଼ିବ ନାହିଁ ।

## ସମ୍ବଳ ୨ : ସାପକୁ ବାହା ହୋଇଥିବା ଝିଅ

ଏକଦା ଗୋଟିଏ ଗାଁରେ ଜଣେ ବ୍ରାହ୍ମଣ ତାଙ୍କ ସ୍ତ୍ରୀ ସହ ରହୁଥିଲେ । ସେମାନଙ୍କର ପିଲା ନ ଥିଲା ବୋଲି ସେମାନେ ବହୁତ ମନ ଦୁଃଖରେ ରହୁଥିଲେ । ପ୍ରତ୍ୟେକ ଦିନ ସେମାନେ ଆଶାର ସହିତ ପ୍ରାର୍ଥନା କରୁଥିଲେ ଯେ କେବେ ନା କେବେ ତାଙ୍କର ପିଲାଟିଏ ହେବ । ଶେଷରେ ସେମାନଙ୍କର ଗୋଟିଏ ପିଲା ହେଲା । ବ୍ରାହ୍ମଣୀ ଗୋଟିଏ ପିଲା ଜନ୍ମ କଲେ କିନ୍ତୁ ପିଲାଟି ସାପ ହୋଇଗଲା । ସମସ୍ତେ ଭୟଭୀତ ହୋଇଗଲେ ଓ ଶୀଘ୍ର ସେଇ ସାପଟିକୁ ଛାଡ଼ିଦେବା ପାଇଁ କହିଲେ ।

ବ୍ରାହ୍ମଣର ସ୍ତ୍ରୀ କାହା କଥା ଶୁଣିଲେ ନାହିଁ । ସେ ସାପଟିକୁ ସାପ ବୋଲି ନ ଭାବି ନିଜର ପିଲା ଭଳି ଯତ୍ନର ସହିତ ପାଳିଲେ । ଯାହା ସବୁ ଭଲ ଖାଦ୍ୟ ପାଇଲେ ତାକୁ ଖାଇବାକୁ ଦେଲେ । ଶୋଇବା ପାଇଁ ସାପ ଲାଗି ଗୋଟିଏ ସୁନ୍ଦର ବାକ୍ସ ତିଆରି କରିଦେଲେ । ସାପଟି ବଡ଼ ହେଲା । ମା' ତାକୁ ଆହୁରି ଭଲ ପାଇଲେ । ଦିନେ ତାଙ୍କର ପଡ଼ୋଶୀ ଘରେ ଗୋଟିଏ ବାହାଘର ହେଲା । ବ୍ରାହ୍ମଣୀ ନିଜ ପୁଅର ବାହାଘର କଥା ଚିନ୍ତା କଲେ । କିନ୍ତୁ କେଉଁ ଝିଅ ବା ସାପକୁ ବାହା ହେବ ?

ଦିନେ ବ୍ରାହ୍ମଣ ଘରକୁ ଫେରି ଦେଖିଲେ ତାଙ୍କ ସ୍ତ୍ରୀ ଆଖିରେ ଲୁହ । ସେ ପଚାରିଲେ "କ'ଣ ହେଲା ? ତୁମେ କାନ୍ଦୁଛ କାହିଁକି ?" ସେ ଉତ୍ତର ଦେଲେ ନାହିଁ କେବଳ କାନ୍ଦି ଚାଲିଲେ । ବ୍ରାହ୍ମଣ ପୁଣି ପଚାରିଲେ କ'ଣ ତୁମକୁ କଷ୍ଟ ଦେଉଛି ମୋତେ କୁହ "ଶେଷରେ ବ୍ରାହ୍ମଣୀ କହିଲା ମୁଁ ଜାଣିଛି ତୁମେ ମୋ ପୁଅକୁ ଭଲ ପାଅ ନାହିଁ । ଆମ ପୁଅ ପାଇଁ ତୁମର ଆଦୌ ଚିନ୍ତା ନାହିଁ । ସେ ବର୍ତ୍ତମାନ ବଡ଼ ହୋଇଗଲାଣି । ତୁମେ ତା' ପାଇଁ କନ୍ୟାଟିଏ ଦେଖୁନାହଁ ।" ଏହା ଶୁଣି ବ୍ରାହ୍ମଣ ଆଶ୍ଚର୍ଯ୍ୟ ହୋଇଗଲା । କହିଲା "ତୁମ ପୁଅ ପାଇଁ କନ୍ୟା ? ଜଣେ ଝିଅ ଗୋଟିଏ ସାପକୁ ବାହା ହେବ, ଏ କଥା ତୁମେ ଭାବି ପାରୁଛ ? ବ୍ରାହ୍ମଣୀ କିଛି ଉତ୍ତର ଦେଲେ ନାହିଁ, କିନ୍ତୁ କାନ୍ଦିବାକୁ ଲାଗିଲେ । ସ୍ତ୍ରୀର ଏଭଳି କାନ୍ଦଣା ଦେଖି ବ୍ରାହ୍ମଣ ପୁଅ ପାଇଁ କନିଆ ଖୋଜିବା ପାଇଁ ବାହାରିଲେ । ସେ ବହୁତ ସ୍ଥାନରେ ବୁଲିଲେ କିନ୍ତୁ ଗୋଟିଏ ସାପକୁ ବିବାହ କଲାଭଳି ଝିଅ ପାଇଲେ ନାହିଁ । ଶେଷରେ ସେ ଗୋଟିଏ ବଡ଼ ସହରରେ ପହଞ୍ଚିଲେ, ଯେଉଁଠି ତାଙ୍କ ଜଣେ ବନ୍ଧୁ ରହୁଥିଲେ । ବହୁତ ଦିନରୁ ଦେଖା ହୋଇନଥିଲା ବୋଲି ସେମାନେ ପରସ୍ପରକୁ ଭେଟିବା ପାଇଁ ରାଜି ହେଲେ ।

ଦୁଇ ବନ୍ଧୁ ପରସ୍ପରକୁ ଦେଖି ଭାରି ଖୁସି ହେଲେ ଓ ସାଙ୍ଗରେ ବହୁତ ସମୟ ବିତାଇଲେ । କଥାବାର୍ତ୍ତା ସମୟରେ ବ୍ରାହ୍ମଣଙ୍କର ସହରକୁ ଆସିବାର କାରଣ ପଚାରିଲେ । ବ୍ରାହ୍ମଣ କହିଲେ "ମୋ ପୁଅ ପାଇଁ ଝିଅଟିଏ ଖୋଜୁଛି ।" ବ୍ରାହ୍ମଣଙ୍କର ବନ୍ଧୁ ଅନ୍ୟ କୁଆଡ଼େ ଯିବାକୁ ମନା କଲେ ଏବଂ ବ୍ରାହ୍ମଣଙ୍କ ପୁଅ ସହିତ ନିଜ ଝିଅର ବାହାଘର ପାଇଁ ପ୍ରସ୍ତାବ ଦେଲେ । ବ୍ରାହ୍ମଣ ବ୍ୟସ୍ତ ହୋଇ କହିଲେ, "ଠିକ୍ ଅଛି, କିନ୍ତୁ ବାହାଘର ପୂର୍ବରୁ ଥରେ ମୋ ପୁଅକୁ ଦେଖିଦେଲେ ଭଲ ହୁଅନ୍ତା ।"

ବନ୍ଧୁ କହିଲେ, ମୁଁ ତୁମ ପରିବାରକୁ ଓ ତୁମକୁ ଭଲ ଭାବରେ ଜାଣିଛି । ତେଣୁ ପୁଅକୁ ଦେଖିବାର ଆବଶ୍ୟକତା ନାହିଁ । ତା' ପରେ ସେ ତାଙ୍କ ଝିଅକୁ ବ୍ରାହ୍ମଣଙ୍କ ସହ ତାଙ୍କ ଘରକୁ ବାହାଘର ପାଇଁ ପଠାଇଦେଲେ । ବ୍ରାହ୍ମଣୀ ଏ କଥା ଶୁଣି ବହୁତ ଖୁସିରେ ବାହାଘର ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ । ଯେତେବେଳେ ଏ କଥା ଗାଁ ଲୋକେ ଜାଣିଲେ, ସେମାନେ ଝିଅ ପାଖକୁ ଗଲେ ଏବଂ ସେ ସାପକୁ ବାହା ନ ହେବା ପାଇଁ ସତର୍କ କରାଇଦେଲେ । କିନ୍ତୁ ଝିଅଟି ନିଜ ବାପାଙ୍କ କଥା ରଖିବା ପାଇଁ ଏମାନଙ୍କ କଥା ଶୁଣିଲା ନାହିଁ ।

ସେହି ଅନୁସାରେ ପୁଅ ଓ ଝିଅର ବାହାଘର ହୋଇଗଲା । ଝିଅଟି ତା' ସାପ ସ୍ୱାମୀ ସହିତ ରହିଲା । ସେ ଜଣେ ଉତ୍ତମ ସ୍ତ୍ରୀ ଭାବରେ ନିଜ ସ୍ୱାମୀର ଯତ୍ନ ନେଲା । ସାପଟି ରାତିରେ ସେହି ବାକ୍ସରେ ରହୁଥିଲା । ଗୋଟିଏ ରାତିରେ ଝିଅଟି ଶୋଇବା ପାଇଁ ଗଲାବେଳକୁ ଶୋଇବା ଘରେ ଏକ ସୁନ୍ଦର ଯୁବକଙ୍କୁ ଦେଖିଲା । ଝିଅଟି ଭୟଭୀତ ହୋଇ ସାହାଯ୍ୟ ପାଇଁ ଦୌଡ଼ିଲାବେଳକୁ ଯୁବକଟି ତାକୁ ଅଟକାଇଲା ଓ କହିଲା "ଭୟ କର ନାହିଁ, ତୁମେ କ'ଣ ମୋତେ ଚିହ୍ନି ପାରୁନ ? ମୁଁ ତୁମର ସ୍ୱାମୀ ।"

ଝିଅଟି ବିଶ୍ୱାସ କଲା ନାହିଁ । ଝିଅଟିକୁ ବିଶ୍ୱାସ ଦେବା ପାଇଁ ଯୁବକଟି ସାପର ଚମଡ଼ା ଭିତରକୁ ଯାଇ ପୁଣି ବାହାରି ଆସିଲା । ଝିଅଟି ନିଜ ସ୍ୱାମୀକୁ ମଣିଷ ରୂପରେ ପାଇ ବହୁତ ଖୁସି ହେଲା ଓ ପୁଅର ପାଦ ଛୁଇଁଲା । ସେହି ଦିନଠାରୁ ପ୍ରତ୍ୟେକ ରାତିରେ ଯୁବକଟି ସାପ ଖୋଳ ଭିତରୁ ବାହାରି ଆସେ ଓ ଦିନ ପୂର୍ବରୁ ପୁଣି ଖୋଳ ଭିତରକୁ ଚାଲିଯାଏ ।

ଦିନକର ଘଟଣା । ବ୍ରାହ୍ମଣ ବୋହୂର କୋଠରି ଭିତରୁ କଥାବାର୍ତ୍ତା ଶୁଣି ପାରିଲା । ସେ ନଜର କରି ଦେଖିଲା ସାପଟି ଗୋଟିଏ ସୁନ୍ଦର ଯୁବକରେ ପରିଣତ ହୋଇଗଲା । ସେ ସଙ୍ଗେ ସଙ୍ଗେ ସାପର ଖୋଳପାଟିକୁ ନେଇ ନିଆଁରେ ପୋଡ଼ିଦେଲା । ଯୁବକଟି କହିଲା ବାପା ଆପଣଙ୍କୁ ବହୁତ ଧନ୍ୟବାଦ । ମୋ ପାଇଁ ଏକ ଅଭିଶାପ ଥିଲା– ଯେ ପର୍ଯ୍ୟନ୍ତ କେହି ଜଣେ ମୋର ଖୋଳପାକୁ ନ ପୋଡ଼ିବ ସେ ପର୍ଯ୍ୟନ୍ତ ମୁଁ ସାପ ହୋଇ ବଞ୍ଚିବି । ଆଜି ଆପଣ ଏହା କରିଦେଲେ । ବର୍ତ୍ତମାନ ମୁଁ ଅଭିଶାପରୁ ମୁକ୍ତ ହେଲି ।" ଆଉ ଯୁବକଟି ସାପ ହେଲା ନାହିଁ ଏବଂ ନିଜ ସ୍ତ୍ରୀ ସହ ଖୁସିରେ ରହିଲା ।

## ସମ୍ବଳ ୩ : ଶ୍ରେଣୀ ଶିକ୍ଷାଦାନ ଶିକ୍ଷଣ ପାଇଁ ଶିଶୁ ସାହିତ୍ୟ ବାଛିବା

ବିଭିନ୍ନ ପ୍ରସଙ୍ଗ ଆଧାରିତ ଭିନ୍ନ ଭିନ୍ନ ଆକର୍ଷଣୀୟ ଗପ ଓ କବିତା ଶିକ୍ଷାର୍ଥୀମାନଙ୍କ ପାଇଁ ଉପସ୍ଥାପନା କରିବା ଗୁରୁତ୍ୱପୂର୍ଣ୍ଣ ।

୧) ଗପ ଓ କବିତା ଶିକ୍ଷାର୍ଥୀମାନଙ୍କୁ...

- ଅକ୍ଷର, ପରିଚିତ ଶବ୍ଦ ଓ ବାକ୍ୟାଂଶ ଚିହ୍ନଟ କରିବାରେ ସାହାଯ୍ୟ କରେ ।
- ଚିତ୍ର ଦେଖି ଶବ୍ଦର ଅର୍ଥ ଅନୁମାନ କରିବାରେ ସାହାଯ୍ୟ କରେ ।
- ଶବ୍ଦ ଓ ବାକ୍ୟର ସଂଯୋଜନା ଶୈଳୀ ବୁଝିବାରେ ଓ ଅନ୍ୟ ଗପ ପଠନରେ ଏହାକୁ ଲଗାଇବାରେ ସାହାଯ୍ୟ କରେ ।
- ପାଠକ ଭାବରେ ଆତ୍ମବିଶ୍ୱାସ ଆଣି ଦିଏ ।

ନୂଆ ପାଠକମାନଙ୍କ ପାଇଁ ଗପ ବା କବିତା ବାଛିବା ସମୟରେ ନିମ୍ନଲିଖିତ ଦିଗଗୁଡ଼ିକ ପ୍ରତି ଦୃଷ୍ଟି ଦିଅନ୍ତୁ ।

- ପରିଚିତ ପରିସ୍ଥିତି ଯେପରିକି ଘର ବା ନିଜ ଅଞ୍ଚଳର ଗପ / କବିତା ବାଛନ୍ତୁ ।
- ଦିବସ, ସପ୍ତାହ, ନିତିଦିନିଆ କାର୍ଯ୍ୟ, ... ଇତ୍ୟାଦି ବିଷୟ ବାଛନ୍ତୁ ।
- ଲେଖାଟିରେ ଶବ୍ଦ ଓ ବାକ୍ୟାଂଶଗୁଡ଼ିକ ବାରମ୍ବାର ବ୍ୟବହାର ହୋଇଥିଲେ ଭଲ ।
- ଚିତ୍ର ଓ ଶବ୍ଦ ମଧ୍ୟରେ ସାମଞ୍ଜସ୍ୟ ଥିବ ।
- ଚିତ୍ରଗୁଡ଼ିକ ମନୋରମ ଓ ଅର୍ଥପୂର୍ଣ୍ଣ ହୋଇଥିବ ଯେମିତି ତା ବିଷୟରେ କଥାବାର୍ତ୍ତା ହେବାକୁ ଶିକ୍ଷାର୍ଥୀମାନେ ଆଗ୍ରହୀ ହେବେ ।
- ଲେଖାଗୁଡ଼ିକ ଛୋଟ ହୋଇଥିବା ଆବଶ୍ୟକ ।

୨) ବଡ଼ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ପାଇଁ ଏହି ଗପଗୁଡ଼ିକ ନିମ୍ନଲିଖିତ ଭାବରେ ସାହାଯ୍ୟ କରେ...

- କଷ୍ଟ ଶବ୍ଦ ଓ ବାକ୍ୟାଂଶଗୁଡ଼ିକର ଅର୍ଥ ବୁଝିବାରେ ସାହାଯ୍ୟ କରେ ।
- ଗପର ଅନ୍ତର୍ନିହିତ ଅର୍ଥକୁ ବୁଝି ପାରନ୍ତି ।
- ନିଜର ଐତିହ୍ୟ ଓ ସଂସ୍କୃତି ବିଷୟରେ ଜାଣି ପାରନ୍ତି ।
- ସମସ୍ୟା ଓ ଦ୍ୱନ୍ଦର ଅର୍ଥ ବୁଝି ପାରନ୍ତି ।

ବଡ଼ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ପାଇଁ ଗପ ବା କବିତା ବାଛିବା ସମୟରେ ନିମ୍ନଲିଖିତ ଦିଗଗୁଡ଼ିକ ପ୍ରତି ଦୃଷ୍ଟି ଦିଅନ୍ତୁ ।

- କୌତୂହଳପୂର୍ଣ୍ଣ ବର୍ଣ୍ଣନା ଓ ଆକର୍ଷଣୀୟ ଚରିତ୍ର ଥିବା ଲେଖା ।
- ନାଟକ, ଦ୍ୱନ୍ଦ, ଭ୍ରମଣ କାହାଣୀ ପରି ଲେଖା
- ମଜାଳିଆ ଓ ଆକର୍ଷଣୀୟ ସଂଳାପ ଥିବା ଲେଖା
- ଚିନ୍ତନ ପାଇଁ ସୁଯୋଗ ଦେଲା ଭଳି ଲେଖା
- ଗୁରୁତ୍ୱପୂର୍ଣ୍ଣ ମହତବାଣୀ ଥିବା ଲେଖା

## ସମ୍ବଳ ୪ : ଗଳ୍ପକଥନ, ଗୀତ, ଭୂମିକା ଅଭିନୟ ଓ ନାଟକ

ଏକ ଅର୍ଥପୂର୍ଣ୍ଣ ଶିକ୍ଷଣ ପରିସ୍ଥିତି ଭିତରେ ଶିକ୍ଷାର୍ଥୀମାନେ ଭଲ ଶିଖନ୍ତି । ପିଲାମାନେ ଅନ୍ୟମାନଙ୍କ ସହ ଆଲୋଚନା କଲେ ସେମାନଙ୍କର ଚିନ୍ତନ ଓ ବୋଧଶକ୍ତି ବୃଦ୍ଧି ପାଏ । ତେଣୁ ଗଣିତ ଓ ବିଜ୍ଞାନ ସହିତ ଗଳ୍ପ କଥନ, ଗୀତ, ଭୂମିକା ଅଭିନୟ ଓ ନାଟକ ଭଳି କୌଶଳ ପାଠ୍ୟକ୍ରମରେ ବ୍ୟବହାର କରିବା ଜରୁରୀ ।

### ଗଳ୍ପ କଥନ

ଗପ ଆମ ଜୀବନକୁ ବୁଝିବାରେ ସାହାଯ୍ୟ କରେ । ଏହିପରି ବହୁତ ସାଂସ୍କୃତିକ ଗପ ଜନ୍ମ ଜନ୍ମ ଧରି ଗଢ଼ିଆସିଛି । ଆମେ ସେ ସବୁ ଶୁଣିଛୁ । ତା' ମାଧ୍ୟମରେ ସମାଜର ନୀତିନିୟମ ଓ ମୂଲ୍ୟବୋଧକୁ ବୁଝିଛୁ ।

ଶ୍ରେଣୀରେ ଗଳ୍ପ କଥନ ଏକ ବଳିଷ୍ଠ ଉପାୟ । ଏହା ...

- କୌତୂହଳପୂର୍ଣ୍ଣ, ଆନନ୍ଦଦାୟୀ ଓ ହୃଦୟସ୍ପର୍ଶୀ
- ଆମକୁ ଦୈନନ୍ଦିନ ଜୀବନରୁ କଳ୍ପନା ଜଗତକୁ ନେଇଯାଏ
- ଆହ୍ୱାନମୂଳକ ହୋଇଥାଏ
- ନୂତନ ଧାରଣାଗୁଡିକ ପାଇଁ ଚିନ୍ତନକୁ ଉଦ୍ଦୀପିତ କରିଥାଏ
- ଅନୁଭବ ପ୍ରକାଶନରେ ସାହାଯ୍ୟ କରେ
- ବାସ୍ତବ ଚିନ୍ତନ ଠାରୁ ଭିନ୍ନ ଏକ କାଳ୍ପନିକ ଚିନ୍ତନ ବଢ଼ାଇ ଦିଏ

ଆପଣ ଯେତେବେଳେ ଗପ କହୁଛନ୍ତି, ସମସ୍ତଙ୍କ ସହ ଆଖିର ସମ୍ପର୍କ ରଖନ୍ତୁ । ଗପଟିକୁ କହିବାବେଳେ ଉପଯୁକ୍ତ ସମୟରେ ବିଭିନ୍ନ ଚରିତ୍ର ପାଇଁ ସ୍ୱରର ଉତ୍ଥାନ ପତନ ସହ ଅଭିନୟ କରି, ପ୍ରଶ୍ନ ପଚାରି ଉପସ୍ଥାପନ କଲେ ଶିକ୍ଷାର୍ଥୀମାନେ ଆନନ୍ଦ ପାଆନ୍ତି ଓ ଭଲ ବୁଝନ୍ତି ।

ଏଥିପାଇଁ ଗପଟିକୁ ଶ୍ରେଣୀରେ କହିବା ପୂର୍ବରୁ ଭଲଭାବରେ ଅଭ୍ୟାସ କରିବା ଆବଶ୍ୟକ । ଗପ କହିବା ପାଇଁ କିଛି ଉପକରଣ ଶ୍ରେଣୀକୁ ଆଣିବେ । ଏହା ଦ୍ୱାରା ଗପଟି ଜୀବନ୍ତ ହୋଇପାରିବ । ନୂଆ ଗପ ଆରମ୍ଭ କରିବାବେଳେ ଗପର ପୃଷ୍ଠଭୂମି କହିଦେବା ଉଚିତ୍ । ଶିକ୍ଷାର୍ଥୀମାନେ ଆଜି ଏହି ଗପରୁ କ'ଣ ଶିଖିବାକୁ ଯାଉଛନ୍ତି ପ୍ରଥମେ କହିଦେବା ଉଚିତ୍ । ଆପଣ ଜଣେ ସୁନ୍ଦର ଗପ କହୁଥିବା ଲୋକଙ୍କୁ ଶ୍ରେଣୀକୁ ଆଣି ପାରିବେ । କିନ୍ତୁ ଉଭୟ ପିଲା ଓ ଗପ କହୁଥିବା ଲୋକଙ୍କୁ ଗପର ଉଦ୍ଦେଶ୍ୟ କହିଦେବେ ।

ଗଳ୍ପ କଥନ ଶିକ୍ଷାର୍ଥୀମାନଙ୍କର ଶୁଣିବା ଦକ୍ଷତା ସହିତ ସେମାନଙ୍କୁ ସ୍ଫୁର୍ତ୍ତିଶୀଳ କରିଥାଏ । ଶିକ୍ଷାର୍ଥୀମାନଙ୍କୁ ଗପରେ ଥିବା ରଙ୍ଗଗୁଡ଼ିକୁ କହିବାକୁ କୁହାଯାଇପାରେ, ଚିତ୍ର ଆଙ୍କିବାକୁ କୁହାଯାଇପାରେ, ମୁଖ୍ୟ ବିଷୟଗୁଡ଼ିକୁ ମନେ ପକାଇବାକୁ କୁହାଯାଇପାରେ, ଗପଟିକୁ ଅନ୍ୟପ୍ରକାରେ ଶେଷ କରିବାକୁ କୁହାଯାଇପାରେ । ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଦଳରେ ଭାଗ କରି ଚିତ୍ର ଦେଇ ଗପଟିକୁ ଅନ୍ୟ ପ୍ରକାରେ କହିବାକୁ କୁହାଯାଇପାରେ । ଗପଟିକୁ ବିଶ୍ଳେଷଣ କରି ସେଥିରେ ଥିବା ବୈଜ୍ଞାନିକ ତଥ୍ୟ, ଗାଣିତିକ ଧାରଣା ଉପରେ ଯୁକ୍ତି କରିବାକୁ ସୁଯୋଗ ଦିଆଯାଇପାରେ ।

ଶିକ୍ଷାର୍ଥୀମାନେ ନିଜେ ଗପ ଲେଖିବା ଦରକାର । ଏହା ସେମାନଙ୍କର ଚିନ୍ତନ ଓ କଳ୍ପନା ଶକ୍ତିକୁ ବଢ଼ାଇବା ପାଇଁ ଏକ ବଳିଷ୍ଠ ଉପାୟ । ଯଦି ଆପଣ ସେମାନଙ୍କୁ ଗପର ବିଷୟବସ୍ତୁ ଓ ଭାଷା ଦେଇଦେବେ, ଗଣିତ ଓ ବିଜ୍ଞାନ ଭଳି ଅତି କଷ୍ଟ ଧାରଣା ଉପରେ ମଧ୍ୟ ସେମାନେ ସୁନ୍ଦର ଗପ ଲେଖି ଦେଇପାରିବେ । ଫଳାଫଳ ସ୍ୱରୂପ ସେମାନେ ନୂଆ ଧାରଣା ତିଆରି କରିପାରିବେ, ଅର୍ଥ ବାହାର କରିପାରିବେ ଓ ଅମୂର୍ତ୍ତ ଚିନ୍ତନ ରୂପକ ତିଆରି କରିପାରିବେ ।

## ଗୀତ

ଶ୍ରେଣୀରେ ଗୀତ, ସଙ୍ଗୀତର ବ୍ୟବହାର ଶିକ୍ଷାର୍ଥୀମାନଙ୍କୁ କିଛି ନୂଆ କରି ଦେଖାଇବାର ସୁଯୋଗ ଦେଇଥାଏ । ସମୂହ ସଙ୍ଗୀତ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଏକ ସୁ-ସମ୍ପର୍କ ସୃଷ୍ଟି କରେ । ଯେହେତୁ ଏଥିରେ ଶିକ୍ଷାର୍ଥୀର ବ୍ୟକ୍ତିଗତ ପ୍ରଦର୍ଶନ ଦେଖାଯାଏ ନାହିଁ, ତେଣୁ ଶିକ୍ଷାର୍ଥୀମାନେ ବିଶ୍ୱାସର ସହିତ ଭାଗ ନେଇଥା'ନ୍ତି । କର୍ମସଙ୍ଗୀତ ଗାଇବା ସମୟରେ ତା'ର ସ୍ୱର ଓ ତାଳ ସେମାନଙ୍କୁ ଗୀତର ପଦ ମନେ ରଖିବାରେ ସାହାଯ୍ୟ କରେ । ଏହା ଦ୍ୱାରା ସେମାନଙ୍କର ଭାଷା ଦକ୍ଷତାର ବିକାଶ ଘଟେ ।

ଯଦି ଆପଣ ଜଣେ ଭଲ ଗାୟକ ନୁହଁନ୍ତି, ଆପଣଙ୍କ ଶ୍ରେଣୀରେ ଭଲ ଗାଉଥିବା ଶିକ୍ଷାର୍ଥୀମାନଙ୍କର ସାହାଯ୍ୟ ନିଅନ୍ତୁ । ଅଙ୍ଗଭଙ୍ଗୀ ଓ ମୁଖଭଙ୍ଗୀ ମାଧ୍ୟମରେ ଗୀତର ଅର୍ଥ ପ୍ରଦାନ କରିବାକୁ ଚେଷ୍ଟା କରନ୍ତୁ । ଜାଣିଥିବା ଗୀତ ଆଣନ୍ତୁ । ଆବଶ୍ୟକବେଳେ ସେଥିରେ କିଛି ନୂଆ ଶବ୍ଦ ଯୋଡ଼ି ଉପସ୍ଥାପନ କରନ୍ତୁ । ଗୀତ ମାଧ୍ୟମରେ ଶିଖିଲେ ବହୁତ କଥା ସହଜରେ ମନେ ରହିଯାଏ । ଆପଣଙ୍କର ଶିକ୍ଷାର୍ଥୀମାନେ ବହୁତ ନୂଆ ନୂଆ ଗୀତ ମଧ୍ୟ ତିଆରି କରିପାରନ୍ତି ।

## ଭୂମିକା ଅଭିନୟ

ଭୂମିକା ଅଭିନୟରେ ଶିକ୍ଷାର୍ଥୀମାନେ ଗୋଟିଏ ଚରିତ୍ରର ଅଭିନୟ କରିଥା'ନ୍ତି । ସେତେବେଳେ ସେହି ନିର୍ଦ୍ଦିଷ୍ଟ ବ୍ୟକ୍ତିର ଚିନ୍ତାଧାରା, କଥା କହିବା ଶୈଳୀ ଆଦି ଅନୁକରଣ କରିଥା'ନ୍ତି । ଏଥିପାଇଁ କିଛି ଲେଖା ଦିଆଯାଇ ନ ଥାଏ । କେବଳ କିଛି ତଥ୍ୟ ଦିଆଯାଇଥାଏ । ସ୍ୱତଃସ୍ଫୂର୍ତ୍ତ ଭାବରେ ନିଜର ଚରିତ୍ରର ଅଭିନୟ କରିବା ପାଇଁ ଉତ୍ସାହିତ କରାଯାଇଥାଏ । ଭୂମିକା ଅଭିନୟର ବହୁତ ସୁବିଧା ରହିଛି, କାରଣ ଏହାଦ୍ୱାରା ଶିକ୍ଷାର୍ଥୀମାନେ ...

- ବାସ୍ତବ ଜୀବନରେ ଜଣକର ଭାବନା, ଚିନ୍ତାଧାରାକୁ କିପରି ଉପସ୍ଥାପନ କରିବେ ଜାଣି ପାରନ୍ତି ।
- ସ୍ୱାଧୀନ ଭାବରେ ନିଷ୍ପତ୍ତି ନେବା ଶିଖନ୍ତି ।
- ଶିକ୍ଷଣ ପ୍ରକ୍ରିୟାରେ ସକ୍ରିୟଭାବରେ ଅଂଶଗ୍ରହଣ କରିଥା'ନ୍ତି ।
- କୌଣସି ବିଷୟରେ ଗଭୀର ଭାବରେ ଚିନ୍ତା କରିପାରନ୍ତି ।

ଭୂମିକା ଅଭିନୟ ଯେ କୌଣସି ସାମାଜିକ ପରିସ୍ଥିତିରେ ଯେପରି ଦୋକାନରେ ଜିନିଷ କିଣିବାବେଳେ, କୌଣସି ଆଞ୍ଚଳିକ ସ୍ଥାପତ୍ୟ ବିଷୟରେ ପରିବ୍ରାଜକଙ୍କୁ ବୁଝାଇବା ବା ଷ୍ଟେସନରେ ଟିକେଟ୍ କିଣିବା ସମୟରେ ଏହା ଶିକ୍ଷାର୍ଥୀମାନଙ୍କ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରେ । ଏଥିପାଇଁ ଆପଣ ଗୋଟିଏ ଦୃଶ୍ୟ ବାଛନ୍ତୁ ଯେପରି ଚା ଦୋକାନ, ଗ୍ୟାରେଜ୍ ବା ଡ଼ାକ୍ତରଖାନା ଏବଂ ଶିକ୍ଷାର୍ଥୀମାନଙ୍କୁ କ'ଣ, କେମିତି କରିବାକୁ ପଡ଼ିବ ବୁଝାଇ ଦିଅନ୍ତୁ ଏବଂ ଅଭିନୟ କରିବା ପାଇଁ ଉତ୍ସାହିତ କରନ୍ତୁ ।

ଏହି ଭୂମିକା ଅଭିନୟ ବଡ଼ ଶିକ୍ଷାର୍ଥୀମାନଙ୍କୁ ମଧ୍ୟ ଜୀବନ କୌଶଳ ବିଷୟରେ ଶିକ୍ଷା ଦେଇଥାଏ । ଜୀବନରେ ସମସ୍ୟାଗୁଡ଼ିକୁ କିପରି ସମାଧାନ କରାଯାଏ, ଶିକ୍ଷାର୍ଥୀମାନେ ଅଭିନୟ ମଧ୍ୟରେ ଅନୁଭବ କରିଥା'ନ୍ତି । ଏହି ଭୂମିକା ଅଭିନୟ କରାଇବା ପୂର୍ବରୁ ଶିକ୍ଷାର୍ଥୀମାନଙ୍କୁ

ସୂଚନା ଦିଅନ୍ତୁ । କିଏ କେଉଁ ଅଭିନୟ କରିବେ ସେମାନଙ୍କୁ ବାଛି ନେବାକୁ କୁହନ୍ତୁ । ଏଥିପାଇଁ ସମୟ ଓ ଦୃଶ୍ୟ ସ୍ଥିର କରନ୍ତୁ । ଏହି କାର୍ଯ୍ୟ ଉପସ୍ଥାପନ ପରେ ପିଲାମାନଙ୍କୁ ଦଳ କରି ତା' ଉପରେ ଆଲୋଚନା କରନ୍ତୁ । ମନେରଖିବେ, ଏହା ଦ୍ୱାରା ଆମେ ଶିକ୍ଷାର୍ଥୀମାନଙ୍କୁ ଭଲ ଅଭିନୟ ଶିକ୍ଷା ଦେଉନୁ ବରଂ ସେଥିରେ ଥିବା ଧାରଣା ଓ ଅନୁଭବ ଶିକ୍ଷାର୍ଥୀମାନଙ୍କ ପାଖରେ ପହଞ୍ଚାଇବା ଆମର ଲକ୍ଷ୍ୟ ।

### ନାଟକ

ଅଧିକାଂଶ ଶିକ୍ଷାର୍ଥୀ ନାଟକ ଦ୍ୱାରା ବେଶୀ ପ୍ରଭାବିତ ହୋଇଥା'ନ୍ତି । ଏହା ଶିକ୍ଷାର୍ଥୀମାନଙ୍କର ଜ୍ଞାନ ଓ କୌଶଳ ବଢ଼ାଇବା ସହିତ ସେମାନେ କେତେ ପାଠ ବୁଝିଲେ ଆକଳନ କରିହୁଏ । ଆମର ଇନ୍ଦ୍ରିୟ ଓ ଅଙ୍ଗ ପ୍ରତ୍ୟଙ୍ଗମାନେ ଯଥା- କାନ, ଆଖି, ନାକ, ହାତ, ଗୋଡ଼ ଓ ପାଟି କିପରି ଆମକୁ ପାଠ ବୁଝିବାରେ ସାହାଯ୍ୟ କରୁଛନ୍ତି ସେ ବିଷୟରେ ନାଟକ କରାଯାଇପାରେ ।

ଏହି ନାଟକ ଶ୍ରେଣୀ ପାଇଁ ସମଗ୍ର ବିଦ୍ୟାଳୟ ପାଇଁ ବା ଗୋଷ୍ଠୀ ପାଇଁ ଆୟୋଜନ କରାଯାଇପାରେ । ଏହା ଦ୍ୱାରା ସେମାନଙ୍କୁ ଅନୁପ୍ରାଣିତ କରାଯାଇଥାଏ । ତେଣୁ ଗୋଟିଏ ଶ୍ରେଣୀର ସବୁ ଶିକ୍ଷାର୍ଥୀମାନେ ମଧ୍ୟ ଏହି ପ୍ରକାର ସୃଜନାତ୍ମକ କାର୍ଯ୍ୟରେ ନିୟୋଜିତ ହୋଇପାରିବେ । ଏଥିପାଇଁ ସମସ୍ତେ ଯେ  ଅଭିନୟ କରିବେ ତାହା ନୁହେଁ, ଅନ୍ୟ କାର୍ଯ୍ୟରେ ମଧ୍ୟ ସାହାଯ୍ୟ କରିବେ ।

ଗୋଟିଏ ଜିନିଷ ଆମକୁ ମନେ ରଖିବାକୁ ପଡ଼ିବ, ଯେପରି ନାଟକର ମଜା ଭିତରେ ଶିକ୍ଷାର୍ଥୀମାନଙ୍କର ଭାଷା ଦକ୍ଷତା ବିକାଶ କଥା ଉଭେଇ ନ ଯାଏ ।

# Additional resources

- There are a number of fiction and non-fiction books for children in the NCERT catalogue, in bothHindi and English, which may be used in activities similar to those described in this unit: http://www.ncert.nic.in/publication/children_books/children_books.html
- A list of children's literature recommended by the Department of Elementary Education in both Hindi and English can be found here on their website: http://www.ncert.nic.in/departments/nie/dee/publication/Print_Material.html
- Other organisations producing literature for children include Room to Read India (http://www.roomtoread.org/Page.aspx?pid=304) and Pratham Books (http://www.prathamusa.org/programs/library, http://blog.prathambooks.org/2010/10/childrensliterature- from-india-and.html)
- Traditional Indian stories: http://www.indiaparenting.com/stories/index.shtml#77
- Indian fables: http://excellup.com/kidsImage/panchtantra/panchatantra_list.aspx

# References/bibliography


Chambers, A. (2011) *Tell Me: Children, Reading and Talk with The Reading Environment*. Stroud: Thimble Press.

Cremin, T., Mottram, M., Collins, F., Powell, S. and Safford, K. (2009) *Teachers as Readers: Building Communities of Readers 2007-08 Executive Summary*. The United Kingdom Literacy Association. Available from: http://www.ukla.org/downloads/teachers_as_readers.pdf (accessed 18 November 2014).

Dasgupta A. (1995) *Telling Tales: Children's Literature in India*. London: Taylor and Francis.

Duursma, E., Augustyn, M., Zuckerman, B. (2008) 'Reading aloud to children: the evidence', *Archives of Disease in Childhood*, vol. 93, no. 7, pp. 554–7. Available from:

http://www.reachoutandread.org/FileRepository/ReadingAloudtoChildren_ADC_July2008.pdf (accessed 18 November 2014).

Gamble, N. (2013) *Exploring Children's Literature: Reading with Pleasure and Purpose*. London: Sage Publications.

Phinn, G. (2009) *Teaching Poetry in the Primary Classroom*. Cambridge: Cambridge University Press.

# Acknowledgements

Except for third party materials and otherwise stated below, this content is made available under aCreative Commons Attribution-ShareAlike licence (http://creativecommons.org/licenses/by-sa/3.0/). Thematerial acknowledged below is Proprietary and used under licence for this project, and not subject to theCreative Commons Licence. This means that this material may only be used unadapted within the TESSIndiaproject and not in any subsequent OER versions. This includes the use of the TESS-India, OU andUKAID logos.

Grateful acknowledgement is made to the following sources for permission to reproduce the material inthis unit:

Resource 1: Annual Haircut Day, written by Noni, illustrations by Angie and Upesh, © Pratham Books. Madeavailable under http://creativecommons.org/licenses/by-nc-sa/2.5/in/.

Every effort has been made to contact copyright owners. If any have been inadvertently overlooked thepublishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.